# ଜୈବିକ ପଦ୍ଧତିରେ କଦଳୀ ଗଛର ରୋଗ ଓ ପୋକ ନିୟନ୍ତ୍ରଣ




**ବିଷୟ ବସ୍ତୁ**

ଶ୍ରୀ ଶିବପ୍ରସାଦ ମିଶ୍ର
କାର୍ଯ୍ୟକ୍ରମ ସହାୟକ (ଉଦ୍ୟାନ ବିଜ୍ଞାନ)
ଡଃ. ଶୁଭାଶିଷ ଦାସ
ବୈଜ୍ଞାନିକ (ମୃତ୍ତିକା ବିଜ୍ଞାନ)
ଶ୍ରୀ ବିଜୟ କୁମାର ରାଉତରାୟ
ବୈଜ୍ଞାନିକ (ଶସ୍ୟ ସଂରକ୍ଷଣ)

**ସଂପାଦନା**

ଡ. ସୁନୀଲ କୁମାର ମହାପାତ୍ର
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



## କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁର

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

**ଆଲେଖ୍ୟ :**

ଶ୍ରୀ ଶିବପ୍ରସାଦ ମିଶ୍ର
କାର୍ଯ୍ୟକ୍ରମ ସହାୟକ (ଉଦ୍ୟାନ ବିଜ୍ଞାନ)

ଡଃ. ଶୁଭାଶିଷ ଦାସ
ବୈଜ୍ଞାନିକ (ମୃତ୍ତିକା ବିଜ୍ଞାନ)

ଶ୍ରୀ ବିଜୟ କୁମାର ରାଉତରାୟ
ବୈଜ୍ଞାନିକ (ଶସ୍ୟ ସଂରକ୍ଷଣ)

**ସଂପାଦନା :**

ଡ. ସୁନୀଲ କୁମାର ମହାପାତ୍ର
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**ପ୍ରକାଶକ :**

କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁର, ବଡଚଣା

**ପ୍ରଥମ ସଂସ୍କରଣ : ୨୦୨୪**

ମୁଦ୍ରଣ : ଶ୍ରୀମା ଗ୍ରାଫିକ୍ସ, ଶହୀଦ ନଗର, ଭୁବନେଶ୍ୱର

# ଜୈବିକ ପଦ୍ଧତିରେ କଦଳୀ ଗଛର ରୋଗ ଓ ପୋକ ନିୟନ୍ତ୍ରଣ


-: ବିଷୟବସ୍ତୁ :-

**ଶ୍ରୀ ଶିବପ୍ରସାଦ ମିଶ୍ର**

କାର୍ଯ୍ୟକ୍ରମ ସହାୟକ (ଉଦ୍ୟାନ ବିଜ୍ଞାନ)

**ଡଃ. ଶୁଭାଶିଷ ଦାସ**

ବୈଜ୍ଞାନିକ (ମୃତ୍ତିକା ବିଜ୍ଞାନ)

**ଶ୍ରୀ ବିଜୟ କୁମାର ରାଉତରାୟ**

ବୈଜ୍ଞାନିକ (ଶସ୍ୟ ସଂରକ୍ଷଣ)

-: ସମ୍ପାଦନା :-

**ଡ. ସୁନୀଲ କୁମାର ମହାପାତ୍ର**

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



**କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁର**

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ଜୈବିକ ପଦ୍ଧତିରେ କଦଳୀ ଗଛର ରୋଗ ଓ ପୋକ ନିୟନ୍ତ୍ରଣ

କଦଳୀ ଏକ ପ୍ରିୟ ଫଳ । ଧନି, ଗରିବ ସମସ୍ତଙ୍କ ଦ୍ୱାରା ଆଦୃତ । ମନ୍ଦିରରେ ଦେବାଦେବୀଙ୍କ ପାଖରେ ପାଚିଲା କଦଳୀ ସବୁଦିନ ପୂଜା କରାଯାଏ । ଆମ ରାଜ୍ୟରେ ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ କଦଳୀ ଚାଷ ବିଶେଷଭାବରେ ସଫଳତା ହାସଲ କରିପାରି ନାହିଁ । ଏହାର ମୁଖ୍ୟ କାରଣ ହେଉଛି କଦଳୀ ଗଛରେ ଲାଗୁଥିବା ବିଭିନ୍ନ ରୋଗ ଓ ପୋକର ନିରାକରଣ ବ୍ୟବସ୍ଥା । ସାମାନ୍ୟ ଉଦ୍ୟମ କଲେ ଆମ ଚାଷୀଭାଇମାନେ ବିଭିନ୍ନ ରୋଗ ଓ ପୋକ ସମସ୍ୟାର ସମାଧାନ କରିପରିବେ ଓ ଅଧିକ ରୋଜଗାର କରିପାରିବେ |

## ପୁଆ ବିଶୋଧନ ;

୧) ପୁଆକୁ ଉଷୁମ ପାଣିରେ ବୁଡାଇ ଗାତରେ ଲଗାଇଲେ ରୋଗ ମୁକ୍ତ ହୋଇ ଅଧିକ ଫଳେ |

୨) ଗୋବର ୧କେ,.ଜି., ଗାଇ ମୁତ ୨ ଲିଟର, ବିଲ ମାଟି ୧ କେ.ଜି., ପାଉଁଶ ୧ କେ.ଜି., ଲିମ୍ବ ପିଡ଼ିଆ ୧ କେ.ଜି. ଅରଖ ପତ୍ର ୧ କେ.ଜି. ପୋକଶୁଙ୍ଗା ପତ୍ର ୧ କେ.ଜି. ଏ ସମସ୍ତଙ୍କୁ ମିଶାଇ ଏକ ପେଷ୍ଟ କରନ୍ତୁ ଏବଂ ଏହି ପେଷ୍ଟରେ ପୁଆକୁ ବୁଡାଇ ଲଗାନ୍ତୁ | ଏହା ମଧ୍ୟ ଗଛକୁ ଟନିକ୍ ଭଳି କାମ ଦିଏ ।

## ଅଣ କଦଳିଆ ରୋଗର ନିରାକରଣ :

୧) ରୋଗ ପତିରୋଧ ଶକ୍ତି ଥିବା ପୁଆ ଲଗାନ୍ତୁ ।

୨) ଗଛ ପ୍ରତି ୨୦ ଗ୍ରାମ ଜିପ୍ସମ୍ ଓ ୨୦ ଗ୍ରାମ ଦସ୍ତା ପ୍ରୟୋଗ କରି ଗଛ ଲଗାନ୍ତୁ ।

୩) ସୁଡୋମୋନାସ ଫ୍ଲୁରୋସେନ୍ସ୍ ୧-୧.୫ କେ.ଜି. କଲଚରକୁ ୪୦ କେ.ଜି. ସଢା ଗୋବର ଖତ ସହିତ ମିଶାଇ ଜମିରେ ବୁଣି ସାରିବା ପରେ ଗଛ ଲଗାନ୍ତୁ ।

୪) ଏହାର ବାହକ ଜଉପୋକକୁ ଦମନ କରିବା ପାଇଁ ଅଧ କେ.ଜି. ଗନ୍ଧତମାଳ (ପାସିଲୋରାଫୋଏଟିଡା) ଡଙ୍କକୁ ଛେଚି ୧୦ ଲିଟର ପାଣିରେ ସିଝାଇ ଥାଣ୍ଡାକରି ସେଥିରେ ସାମ୍ପୋ ଦେଇ ସ୍ପ୍ରେ କରନ୍ତୁ କିମ୍ବା ୧ କେ.ଜି. ବାଇଗଣ ପତ୍ରକୁ ପେଶି ୫ ଲିଟର ଗୋମୂତ୍ରରେ ଗୋଳାଇ ୧୦ ଦିନ ପର୍ଯ୍ୟନ୍ତ ରଖନ୍ତୁ । ତା ପରେ ଉକ୍ତ ଦ୍ରବଣକୁ ଛାଣି ସେଥିରେ ୨୫ ଲିଟର ପାଣି ମିଶାଇ ସ୍ପ୍ରେ କରନ୍ତୁ ।

୫) ଫସଲ ପର୍ଯ୍ୟାୟ ଅବଲମ୍ବନ କରନ୍ତୁ।

୬)	ମେଟାରାଇଜମ୍ ଅନାଇସପିଲେ ସିଞ୍ଚନ କରନ୍ତୁ ।

## ଝାଉଁଳା ରୋଗର ନିରାକରଣ ;

୧)	ଅରଖ ପତ୍ର ୧ କେ.ଜି., ଲିମ୍ବ ପତ୍ର ୧ କେ.ଜି. ମୁର୍ଗା ୧ କେ.ଜି.କୁ ୩ ଦିନ ପର୍ଯ୍ୟନ୍ତ ୧୦ ଲିଟରପାଣିରେ ମିଶାଇ ଗଛରେ ସିଞ୍ଚନ କରନ୍ତୁ ଓ ମୂଳରେ ଦିଅନ୍ତୁ ।

୨)	୧ କେ.ଜି. ଟ୍ରାଇକୋଡମା ଭିରିଡ଼ି ଯାହା ବଜାରରେ ସଞ୍ଜିବନୀ ନାମରେ ମିଳୁଛି, ଏହାକୁ ୧୦କେ.ଜି. ଗୋବର ଖତରେ ମିଶାଇ ଗଛମୂଳେ ପ୍ରୟୋଗ କରନ୍ତୁ |

୩)	ଆଖୁ ଛେଦା ମାଟିରେ ଛାଦିକରଣ କରନ୍ତୁ |

## ମୋଜାଇକ୍ ରୋଗର ନିରାକରଣ :

ଏହା ଏକ ଭୂତାଣୁ ଜନିତ ରୋଗ | ଏହାର ନିରାକରଣ ପାଇଁ ଶୁଖିଲା ଲଙ୍କା ଗୁଣ୍ଡ ୧୦- ୨୦ଗ୍ରାମ୍, ଲିମ୍ବପତ୍ର୨ କେ.ଜି.କୁ ବାଟି ୧ ଲିଟର ଗାଇ ମୂତରେ ୩ ଦିନ ପୋଚ୍ କରି ଛାଣି ୧୦ ଲିଟର ପାଣିରେ ଦ୍ରବଣ କରି ସିଞ୍ଚନ କରନ୍ତୁ ।

## ଚେର କଟା ପୋକର ଦମନ ପାଇଁ :

୧)	କୋଚିଲା ପତ୍ର ଓ ଖତ ମିଶାଇ ମାଟିରେ ଦିଅନ୍ତୁ ।

୨)	ବ୍ୟୁଭେରିଆ ବାସିଆନା କବକକୁ ସିଞ୍ଚନ କରନ୍ଧୁ ।

## ଜାଦୁରା ରୋଗର ନିରାକରଣ :

୧)	ତୁଳସୀ ୧ କେ.ଜି., ଜଡା ପତ୍ର ୧ କେ.ଜି.କୁ ୧୦ ଲିଟର ପାଣିରେ ସିଝାଇ ଥଣ୍ଡା କରି ସିଞ୍ଚନ କରନ୍ତୁ । ଏହା ମଧ୍ୟ ରାସାୟନିକ ଔଷଧ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଠାରୁ ଅଧିକ ଭଲ ଉପକାରକରେ ।

୨)	କାଜୁବାଦାମରୁ ବାହାରୁଥିବା ତେଲ ମଧ୍ୟ ସିଞ୍ଚନ କଲେ ଭଲ କାମ କରେ |

## ସଂବାଳୁଆ ନିରାକରଣ :

ଲେମ୍ବୁ ରସ ୧୫୦ ମିଲି. ଓ ତେନ୍ତୁଳି ରସ ୧୫୦ ମିଲି.କୁ ୫୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

### ଫୁଲ ନ ଆସିବାର ନିରାକରଣ :

ରାଶି ୩.୭ କେ.ଜି. ଛେଳି ଖତ ୭.୫ କେ.ଜି. ଜବ ଧାନ ୧ କେ.ଜି., ପାଣି ୧୫ ଲିଟରକୁ ମିଶାଇ ୭ ଦିନ ରଖନ୍ତୁ ଓ ଗଛ ମୂଳରେ ଦିଅନ୍ତୁ । ଏ ସବୁକୁ ୧୦ ଟି ଗଛରେ ପ୍ରୟୋଗ କରନ୍ତୁ ।

### ସୂତ୍ର ଜୀବର ନିରାକରଣ :

ଅଗରା ପତ୍ର, ଚାକୁଣ୍ଡା ପତ୍ର ଓ ଅରଖ ପତ୍ର ପ୍ରତ୍ୟେକରୁ ୨୫୦ ଗ୍ରାମକୁ ଖତ ସହିତ ମିଶାଇ ଗଛ ମୂଳରେ ଦିଅନ୍ତୁ ।

## ଜୈବିକ ଚାଷ ବିଷୟେର କେତେକ ଜାଣିବା କଥା

### ଜୈବିକ ଚାଷ କାହାକୁ କୁହାଯାଏ:

ଆଗକାଳରେ ରାସାୟନିକ ଦ୍ରବ୍ୟର ବ୍ୟବହାର ବିନା ପେଉଁ ପ୍ରକାରର ଚାଷ କାର୍ଯ୍ୟ ହେଉଥିଲା, ସେହି ପ୍ରକାରର ଚାଷକୁ ବୈଜ୍ଞାନିକ ପ୍ରଣାଳୀରେ କରିବା ହିଁ ଜୈବିକ ଚାଷ । କେଉଁ ଆବହମାନ କାଳରୁ ପୃଥିବୀରେ ଏହି ପଦ୍ଧତିରେ ଫସଲ ଚାଷ କରାଯାଇ ଆସୁଥିଲା। ଏହା ଜୈବିକ ଓ ପ୍ରାକୃତିକ ସଂପଦକୁ ଅବକ୍ଷୟ ଓ ପ୍ରଦୂଷଣମୁକ୍ତ କରି ମାଟିର ଉର୍ବରତା ଏବଂ ଖାଦ୍ୟ ଉତ୍ପାଦନକୁ ଚିରସ୍ଥାୟୀ କରିଥଲା।

ବର୍ତ୍ତମାନ ସେହି ପଦ୍ଧତି ଅନୁସରଣ କରି କରାଯାଉଥିବା ଚାଷ ହିଁ ଜୈବିକ ଚାଷ ଅଟେ।

### ଜୈବିକ ଚାଷର ଲକ୍ଷ୍ୟ:

* ସୁସ୍ଥ ପରିବେଶ ସୃଷ୍ଟି ।
* ଉନ୍ନତମାନର ଖାଦ୍ୟ ଉତ୍ପାଦନ |
* ପରିବେଶ ସୁରକ୍ଷା ।
* ମୃତ୍ତିକା ଓ ଜଳ ସଂରକ୍ଷଣ |
* ସଦା ଉତ୍ପାଦନକ୍ଷମ ଓ ଦୀର୍ଘସ୍ଥାୟୀ ମୃତ୍ତିକା ଗଠନ |
* ସୁଷମ ବୃକ୍ଷ ଓ ପ୍ରାଣୀ ଖାଦ୍ୟ ଯୋଗାଣ ।।
* ପ୍ରାକୃତିକ ବିବିଧତାକୁ ବଜାୟ ରଖିବା |
* ପ୍ରାଣି ଓ ଉଦ୍ଭିଦ ବର୍ଯ୍ୟବସ୍ତୁର ସୁବିନିଯୋଗ ।
* ରୋଗପୋକ ପରିଚାଳନା

### ଆଜିକାଲି ଜୈବିକ ଚାଷ କାହିଁକି ଏତେ ଆବଶ୍ୟକ ହେଉଛି:-

ଆମର ବର୍ଦ୍ଧିତ ଜନସଂଖ୍ୟାର ଖାଦ୍ୟ ଚାହିଦା ମେଣ୍ଟାଇବା ପାଇଁ ଆମେ ଅଳ୍ପ ଜମିରୁ

ଅଧିକ ଅମଳ ପାଇବା ପାଇଁ ଅଧୁନିକ କୃଷି ଉପରେ ନିର୍ଭର କରି ବିଭିନ୍ନ ରାସାୟନିକ ଦ୍ରବ୍ୟ ଯଥା- ସାର,କୀଟନାଶକ ଔଷଧ ଇତ୍ୟାଦି ମନଇଛା ବ୍ୟବହାର କରିଥାଉ । ଏହାଦ୍ୱାରା ଆମେ ଅଧିକ ଅମଳ ସିନାପାଉଛୁ, ହେଲେ ଆମର କଣ କ୍ଷତି ହେଉଛି ସେଥିପ୍ରତି କେବେ ଧ୍ୟାନ ଦେଇନାହୁଁ । ଅଧିକରୁ ଅଧିକ ରାସାୟନିକ ପଦାର୍ଥର ବ୍ୟବହାର ଆମ ଜଳ ଓ ଜମିର ଗୁଣାତ୍ମକ ମାନ ହ୍ରାସ କରିବା ସହିତ ପରିବେଶକୁ ପ୍ରଦୂଷିତ କରୁଛି | ଆମେ ଯେଉଁ ଖାଦ୍ୟ ଖାଉଛୁ ସେଥିରେ ମଧ୍ୟ ରାସାୟନିକ ସାର ତଥା କୀଟନାଶକର ଅବଶେଷ ରହୁଥିବାରୁ ଅନେକ ଦୂରାରୋଗ୍ୟ ରୋଗ ହେଉଛି, ଯାହାକି ଆମର ଭବିଷ୍ୟତ ବଂଶଧରମାନଙ୍କ ପ୍ରତି ଏକ ବିପଦ | ତେଣୁ ଏହି ସବୁ ବିଷାକ୍ତ ବାତାବରଣରୁ ନିଜକୁ, ନିଜର ବର୍ତ୍ତମାନ ଓ ଭବିଷ୍ୟତ ବଂଶଧରଙ୍କୁ ରକ୍ଷା କରିବା ପାଇଁ ଆମେ ଜୈବିକ ଚାଷ ଉପରେ ଅଧିକ ଗୁରୁତ୍ୱ ଦେଉଛୁ ।

## ଜୈବିକ ଚାଷର ଉପକାରିତା :-

* ଏହା ଏକ ସୁରକ୍ଷିତ ଏବଂ ଦୀର୍ଘସ୍ଥାୟୀ ପଦ୍ଧତି |
* ପରିବେଶକୁ ସନ୍ତୁଳିତ କରି ରଖୁଥାଏ |
* ମାଟିରେ ଥିବା କ୍ଷୁଦ୍ର ତଥା ଅଣୁଜୀବ ମାନଙ୍କର ସଂରକ୍ଷଣ କରି ମାଟିର ଗୁଣାତ୍ମକ ମାନ ବଢାଇଥାଏ ।
* ଭୂତଳ ଜଳ ପ୍ରଦୂଷିତ ହୁଏ ନାହିଁ |
* ମୃତ୍ତିକା ଓ ଜଳର ସଂରକ୍ଷଣ ହୋଇଥାଏ |
* ମାଟିର ଉର୍ବରତା ରକ୍ଷା ହୋଇଥାଏ |
* ମୃତ୍ତିକା, ଜଳ ଓ ବାୟୁକୁ ପ୍ରଦୂଷଣ ମୁକ୍ତ ରଖିଥାଏ ।
* ଉନ୍ନତମାନ, ସ୍ୱାଦ ତଥା ସ୍ୱାସ୍ଥ୍ୟପ୍ରତି ପୃଷ୍ଟିକର ଖାଦ୍ୟ ଉତ୍ପାଦିତ ହୋଇଥାଏ ।
* ବିଶ୍ୱ ବଜାରରେ ଜୈବିକ ଖାଦ୍ୟର ଚାହିଦା ବଢୁଥିବାରୁ ଜୈବିକ ଚାଷରେ ଚାଷୀଭାଇ ଅଧିକ ଲାଭ ପାଇଥାଏ ।

## ଜୈବିକ ଚାଷର ମୁଖ୍ୟ ଉପାଦାନ :-

ଜୈବିକ ଚାଷ ହେଉଛି କେତେ ଗୁଡିଏ କୃଷି ଭିତ୍ତିକ ଓ କୃଷି ଆନୁଷାସଙ୍ଗିକ ଉପାଦାନର ସମିଶ୍ରଣ | ରାସାୟନିକ ସାର ବଦଳରେ ଜୈବିକ ସାର ଓ ରାସାୟନିକ କୀଟନାଶକ ବଦଳରେ ବୃକ୍ଷଜାତ କୀଟନାଶକ ତଥା ପରାଶ୍ରୟୀ କୀଟ ଓ ପରଭୋଜୀ କୀଟର ବ୍ୟବହାର ଏହି ଜୈବକୃଷିର ମୁଖ୍ୟ ଉପାଦାନ ଅଟନ୍ତି । ଜୈବିକ ସାର କହିଲେ ସାଧାରଣତଃ କମ୍ପୋଷ୍ଟ, ଜିଆଖତ, ସବୁଜସାର, ଜୀବାଣୁସାର, ନୀଳହରିତ ଶୈବାଳ ଓ

ଆଜୋଲା ଆଦିକୁ ବୁଝାଏ । ସେହିପରି ବୃକ୍ଷଜାତ କୀଟନାଶକ ମଧ୍ୟରେ ରହିଛି ଧୂଆଁପତ୍ର, ସେବତୀ, ନିମ୍ବ, ବିଲାତି ନିମ୍ବ, ନାଗୁଆରୀ, ବେଗୁନିଆ, ଅରଖ, ଗଙ୍ଗଶିଉଳି, ବେଲ, ତୁଳସୀ, ସଦାବିହାରୀ, ରସୁଣ ଆଦିରୁ ପ୍ରସ୍ତୁତ ବିଭିନ୍ନ କୀଟନାଶକ । ବିଭିନ୍ନ ପରାଶ୍ରୟୀ କୀଟଗୁଡିକ ମଧ୍ୟରେ ଟାଇକୋଗାମା, ବ୍ରାକନ୍, ଗୋନିଅଜସ୍ ଆଦି କୀଟ ଅନ୍ତର୍ଭୁକ୍ତ | ବୁଢିଆଣୀ, କଙ୍କି, ଶିକାରୀ ଜନ୍ଦା, ଡାହାଣୀ ପୋକ, ଆଦି ପରଭୋଜୀ କୀଟ ଶ୍ରେଣୀର ଅନ୍ତର୍ଭୁକ୍ତ ।

## କି କି ପ୍ରକାରର ଜୈବିକ ସାର ଜୈବିକ ଚାଷରେ ଅନ୍ତର୍ଭୁକ୍ତ ;-

୧) କମ୍ପୋଷ୍ଟ- ବିଭିନ୍ନ ପ୍ରକାରର ଜୈବିକ ପଦାର୍ଥ ଓ ମଇଳା ଆବର୍ଜନା ସଢିବା ଦ୍ୱାରା କମ୍ପୋଷ୍ଟ ତିଆରି ହୋଇଥାଏ । ଗଛ ପେଡ଼ଁ ସବୁ ଖାଦ୍ୟସାର ଆବଶ୍ୟକ କରିଥାଏ ସେସବୁ ଅଳ୍ପ ବହୁତେ ଏହି କମ୍ପୋଷ୍ଟ ଥାଏ । କମ୍ପୋଷ୍ଟ ସାର ପ୍ରସ୍ତୁତ ପାଇଁ ଦରକାରୀ ପଦାର୍ଥ ଯଥା- ପତ୍ର, ଛୋଟଛୋଟ ଡାଳ, ନଡା, କୁଟା, ଫସଲର ବଳକା ଅଂଶ, ଅଳିଆ, ସହରାଞ୍ଚଳ ଓ ଗ୍ରାମାଞ୍ଚଳ ବର୍ଜ୍ୟବସ୍ତୁ, ଜଳଜ ପଦାର୍ଥ ଯଥା- ମତ୍ସ୍ୟ ଆବର୍ଜନା, ବିଭିନ୍ନ ପ୍ରକାର ଦଳ ଇତ୍ୟାଦିକୁ ବ୍ୟବହାର କରାଯାଏ |

**୨) ଜିଆଖତ-** ଏହି ଜିଆଖତ ଭର୍ମି କମ୍ପୋଷ୍ଟ, ଭାବେ ପରିଚିତ | ଏହା ଏକ ଉନ୍ନତମାନର କମ୍ପୋଷ୍ଟ ଯାହା ଜିଆ ମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥାଏ | ମୁଖ୍ୟତଃ ଇଉସେନିଆ ଫୋଏଟଡା, ୟୁଡ୍ରିଲ୍ସ, ୟୁଜେନି, ପେରିଓନିକ୍ସ୍ ଏସ୍‌କାଭେଟସ୍ ଆଦି ଜିଆ ଭଲ ଖତ ପ୍ରସ୍ତୁତ କରିପାରନ୍ତି । ବିଭିନ୍ନ ପ୍ରକାର ଫସଲର ବର୍ଜ୍ୟବସ୍ତୁ ପନିପରିବା ଚୋପା, ଘାସ, ସଢା ଗୋବର, ଛେଳି ଖତ ଆଦି ଜିଆ ମାନଙ୍କୁ ଖାଇବାକୁ ଦେଲେ ସେମାନେ ଏହି ଅବର୍ଜନାକୁ ଖାଇ ଜିଆଖତ ତିଆରି କରନ୍ତି | ଜିଆ ଖତରେ ସାଧାରଣ କମ୍ପୋଷ୍ଟ ଅପେକ୍ଷା ଅଧିକ ଖାଦ୍ୟସାର ଥିବାରୁ ଜୈବିକ ପନିପରିବା ଚାଷରେ ଏହାକୁ ବହୁଳ ଭାବରେ ବ୍ୟବହାର କରାଯାଇଥାଏ ।

**୩) ସବୁଜ ସାର-** ମୁଖ୍ୟ ଫସଲ ବୁଣିବା କିମ୍ବା ରୋଇବା ପୂର୍ବରୁ ଧଣିଚା, ବରଗୁଡି, ଛଣପଟ, ମୁଗ,ବିରି, ଖେସାରି, କୋଳଥ ଆଦି ଡାଲି ଜାତୀୟ ଫସଲକୁ କଅଁଳ ସବୁଜ ଅବସ୍ଥାରେ ମାଟିରେ ମିଶାଇ ମାଟିର ଉର୍ବରତା ବଢାଇବାକୁ ସବୁଜସାର ପ୍ରୟୋଗ କୁହାଯାଏ | ସବୁଜ ସାର ପାଇଁ ଧଣିଚା, ମୁଗ, ବିରି,ଖେସାରି, କୋଳଥ ହେକ୍ଟର ପିଛା ୩୦-୪୦ କି.ଗ୍ରା, ବରଗୁଡି ଓ ମଟର ହେକ୍ଟର ପିଛା ୭୦-୮୦କି.ଗ୍ରା. ବିହନକୁ ପହିଲି ବର୍ଷା ପରେ ଜମି ହଳ କରି ବୁଣି ଦିଆଯାଏ | ଗଛ ୪୦- ୪୫ ଦିନ ହୋଇଗଲେ ବିଲରେ ୫- ୧୦ ସେ.ମି. ପାଣି ରଖି ଏହାକୁ ମାଟିରେ ମିଶାଇ ଦିଆଯାଏ | ସେହିପରି ଅଣଡାଲି ଜାତୀୟଫସଲ ଯଥା- ସୁବାବୁଲ୍, ଚାକୁଣ୍ଡା, ଅଗସ୍ତି ଆଦି ଗଛର ପତ୍ରକୁ କାଟି ଆଣି ଏକର

ପ୍ରତି ୪-୫ ଟନ୍ ଜମିରେ ପକାଇ ମିଶାଇ ଦିଆଯାଏ | ଏହାକୁ ସବୁଜ ପତ୍ରସାର କହନ୍ତି | ଏହି ସବୁଜ ସାର ବା ସବୁଜପତ୍ରସାରରୁ ଜମିକୁ ହେକ୍ଟର ପିଛା ୪୦ କି.ଗ୍ରା. ଯବକ୍ଷାରଜାନ ମିଳିଥାଏ |

**୪) ଜୀବାଣୁ ସାର-** କେତେକ ଜୀବାଣୁ କଲ୍‌ଚର ପ୍ରୟୋଗ ଦ୍ୱାରା ମାଟିର ଉର୍ବରତା ବୃଦ୍ଧି କରିବାପାଇଁ ଏବେ ଚାଷ କାର୍ଯ୍ୟରେ ଗୁରୁତ୍ୱ ଦିଆଯାଉଛି । ଜୀବାଣୁ ସାରର ପ୍ରୟୋଗ ଦ୍ୱାରା ବିଭିନ୍ନ ଫସଲରେ ରାସାୟନିକ ସାରର ଉପଯୋଗ କମିବା ସହିତ ପରିବେଶର ପ୍ରଦୂଷଣ ମଧ୍ୟ ହ୍ରାସ ପାଇଥାଏ | ଏହିଜୀବାଣୁସାର ଗଛର ଖାଦ୍ୟସାର ଯୋଗାଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ | ଜୀବାଣୁସାର ମୁଖ୍ୟତଃ ଦୁଇ ଶ୍ରେଣୀର | ଯଥା- ଯବକ୍ଷାରଜାନ ସାର ବାନ୍ଧି ରଖୁପାରୁଥିବା ଜୀବାଣୁସାର ଓ ଫସଫରସ୍ ସାର ଦ୍ରବୀଭୂତ କରିପାରୁଥିବା ଜୀବାଣୁ ସାର |

ଯବକ୍ଷାରଜାନ ସାର ବାନ୍ଧି ରଖିପାରୁଥିବା ଜୀବାଣୁସାର । ଏହା ଦୁଇ ପ୍ରକାରର । ଯଥା-ଡାଲିଜାତୀୟ ଫସଲ ପାଇଁ ରାଇଜୋବିୟମ୍ ଜୀବାଣୁସାର ଓ ଅଣଡାଲି ଜାତୀୟ ଫସଲ ପାଇଁ ଆଜାଟୋବ୍ୟାକ୍ଟର ଓ ଆଜୋସିରିଲମ୍ ଜୀବାଣୁ ସାର ବ୍ୟବହାର କରାଯାଏ।

ଫସଫରସ୍ ସାର ଦ୍ରବିଭୂତ କରିପାରୁଥିବା ଜୀବାଣୁ ସାର। ବାସିଲସ୍ ଓ ସୁଡୋମୋନାସ୍ ଆଦି ଫସ୍‌ଫରସ ଜାତିର ଜୀବାଣୁ ସାର ମାଟିରେ ଥିବା ଫସଫରସ୍‌କୁ ଦ୍ରବୀଭୂତ କରାଇ ଗଛକୁ ଯୋଗାଇ ଥାଆନ୍ତି । ଏହି ଜାତୀୟ ଜୀବାଣୁ ସାରକୁ ମଞ୍ଜି, ଚାରାଗଛ କିମ୍ବା ଖତସହ ମିଶାଇ ଜମିରେ ପ୍ରୟୋଗ କରାଯାଇଥାଏ ।

**ଜୀବାଣୁସାର ପ୍ରୟୋଗ ସମୟରେ ଚାଷୀଭାଇମାନେ କେଉଁ ଦିଗପ୍ରତି ଦୃଷ୍ଟି ଦେବେ-**

ଜୀବାଣୁ ସାରର ପ୍ରପ୍ରୋଗ ସମୟରେ ଚାଷୀଭାଇମାନେ ବିଭିନ୍ନ ଦିଗ ପ୍ରତି ଧ୍ୟାନ ଦେବାଆବଶ୍ୟକ | ସେଗୁଡିକ ହେଲା- ।

* ନିର୍ଦ୍ଦିଷ୍ଟ ଫସଲ ପାଇଁ ନିର୍ଦ୍ଦିଷ୍ଟ ଜୀବାଣୁ ସାର ପ୍ରୟୋଗ କରନ୍ତୁ ।
* ଜୀବାଣୁ ସାର ପ୍ରୟୋଗର ଶେଷ ତାରିଖ ପ୍ୟାକେଟ୍ ଉପରେ ନିଶ୍ଚୟ ଦେଖନ୍ତୁ ଜୀବାଣୁସାର ଦ୍ୱାରା ବିଶୋଧନ କରାଯାଇଥିବା ମଞ୍ଜିକୁ ସିଧାସଳଖ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିବାକୁ ଦିଅନ୍ତୁ ନାହିଁ।
* ମଞ୍ଜି କିମ୍ବା ଚାରା ବିଶୋଧନର ୨-୩ ଘଣ୍ଟା ମଧ୍ୟରେ ଜମିରେ ଲଗାଇ ଦିଅନ୍ତୁ ।
* ମାଟିରେ ଯଦି ଜୀବାଣୁ ସାର ପ୍ରୟୋଗ କରି ଥାଆନ୍ତି ତେବେ ୨-୩ ଘଣ୍ଟା ମଧ୍ୟରେ ସେଥିରେ ବିହନ ବୁଣି ଦିଅନ୍ତୁ ।

**୫) ନୀଳହରିତ୍ ଶୈବାଳ :-** ନୀଳହରିତ୍ ଶୈବାଳ ବା ବି.ଜି.ଏ. ଏକ ଶିଉଳି ଜାତୀୟ ଅଣୁଜୀବ | ଏହା ବାୟୁ ମଣ୍ଡଳର ଯବକ୍ଷାରଜାନକୁ ବାନ୍ଧି ରଖି ଗଛକୁ ଯୋଗାଇଥାଏ |

ଏହାକୁ କେବଳ ଧାନ ଚାଷରେଜୈବସାର ଆକାରରେ ବ୍ୟବହାର କରାଯାଏ | କାରଣ ଏହା ବଢିବା ପାଇଁ ଠିଆପାଣିର ଆବଶ୍ୟକତା ରହିଛି | ଧାନରୁଆର ୭-୮ ଦିନ ପରେ ଏକର ପିଛା ୪ କିଲୋଗ୍ରାମ୍ ବି.ଜି.ଏ. କଲଚର୍ ପ୍ରୟୋଗ କଲେ ୧୫ ଦିନ ମଧ୍ୟରେ ଏହା ବଢିଯାଇ ମୋଟା ଆସ୍ତରଣ ହୋଇଥାଏ । ଧାନ କିଆରୀରୁ ପାଣି କାଟି ଦେବାପରେ ଏହା ମାଟିରେ ବସିଯାଏଁ ଓ ଏହା ଦ୍ୱାରା ସଂଗୃହୀତ ଯବକ୍ଷାରଜାନ ଫସଲକୁ ମିଳିଥାଏ । ଏହାରବ୍ୟବହାରରେ ଧୀନ ଫସଲକୁ ଏକର ପ୍ରତି ୮-୧୨ କିଲୋଗ୍ରାମ ଯବକ୍ଷାରଜାନ ମିଳିଥାଏ |

**୬) ଆଜୋଲା :-** ଧାନ ଫସଲରେ ଆଜୋଲାକୁ ସବୁଜ ସାର ହିସାବରେ ବ୍ୟବହାର କରାଯାଏ |ଧାନ ରୋଇବାର ୩-୪ ଦିନ ପରେ ଏକର ପ୍ରତି ୨୦୦ କିଲୋଗ୍ରାମ କଞ୍ଚା ଆଜୋଲା ପକାଇ ଛାଡିଦେଲେ ୫ ସପାହ ବେଳକୁ ୩ ଟନ୍ ପର୍ଯ୍ୟନ୍ତ ଆଜୋଲା ମିଳିଥାଏ | ଏହି ସମୟରେ ଧାନ କିଆରିରୁପାଣି କାଟିଦେଲେ ଆଜୋଲା ମାଟିରେ ମିଶିଯାଏ । ଆଜୋଲାରୁ ଏକର ପ୍ରତି ୧୫-୨୦ କିଲୋଗ୍ରାମ ଯବକ୍ଷାରଜାନ ମିଳିଥାଏ ।

## ଜୈବିକ କୃଷିରେ ରୋଗ ଓ ପୋକ ପରିଚାଳନା କିପରି କରାଯାଏ :-

ଜୈବିକ କୃଷି ପ୍ରଣାଳୀରେ ଫସଲକୁ ରୋଗମୁକ୍ତ ରଖିବା ପାଇଁ ବୃକ୍ଷଜାତ କୀଟନାଶକ, ମିତ୍ରକୀଟ, ଉପକାରୀ ଅଣୁଜୀବ ଓ ବିଭିନ୍ନ ପ୍ରକାରର ଆକର୍ଷଣ ଯନ୍ତା ବ୍ୟବହାର କରାଯାଇଥାଏ ।

## ବୃକ୍ଷଜତ କୀଟନାଶକ:-

କୀଟ ଆକ୍ରମଣରୁ ଫସଲକୁ ରକ୍ଷା କରିବା ପାଇଁ କେତେକ ଗଛକୁ ଚିହ୍ନଟ କରାଯାଇ ଏହାରବିଭିନ୍ନ ଅଂଶର ପାତନ କିମ୍ବା ପିଡିଆ ପ୍ରସ୍ତୁତ କରି ଫସଲରେ ପ୍ରୟୋଗ କରାଯାଇଥାଏ । ଧୂଆଁପତ୍ର ଗଛର ପତ୍ର ଓ କାଠିର ରସ କୀଟମାରୀ ଓ କବକମାରୀ ଭାବରେ କାମଦିଏ । ସେବତୀ ଫୁଲରେ ଥିବା ପାଇରେଥିନ୍ ବିଷ ମଶା ଓ ମାଛି ଘଉଡାଇବାରେ କାମଦିଏ । ନିମ୍ବ ଓ ବିଲାତି ନିମ୍ବ ଗଛର ପତ୍ର, ଛେଲିଓ ଫଳରେ ଥୁବା ଆଜାଡିରାକ୍ଟିନ୍ ବିଷ ଫସଲରେ ପ୍ରୟୋଗ କଲେ ପୋକ ମାନଙ୍କର ବଂଶ ବୃଦ୍ଧି ହ୍ରାସହୁଏ | ସେହିପରି ରସୁଣର ରସ ଜଉପୋକ, ବିଭିନ ପ୍ରକାରର ଶୂକ, ଗେଣ୍ଡା, କବକ ଓ ସୂତ୍ରଜୀବ ନାଶକ ଭାବରେ କାର୍ଯ୍ୟକରେ । ଏହାଛଡା ଆତ, ବେଗୁନିଆ, ତୁଳସୀ, ଅରଖ, ସଦାବିହାରୀ, ହଳଦୀ ଓ  ବେଲଆଦି ଗଛରେ କୀଟ ବିକର୍ଷଣ ଗୁଣ ରହିଛି ।

## ମିତ୍ର କୀଟ ;-

କେତେକ କୀଟ ଅଛନ୍ତି, ଯେଉଁମାନେ ଆମ ଫସଲର କ୍ଷତି କରୁଥିବା କୀଟମାନଙ୍କୁ ବିନାଶକରନ୍ତି । ଏମାନଙ୍କୁ ମିତ୍ର କୀଟ କୁହାଯାଏ । ଏହି ମିତ୍ରକୀଟ ଦୁଇ ଶ୍ରେଣୀର । ଯଥା- ପରାଶ୍ରୟୀ କୀଟ ଓପରଭୋଜୀ କୀଟ । ଟ୍ରାଇକୋଗାମା, ବ୍ରାକନ୍ ଆଦି ପରାଶ୍ରୟୀ କୀଟ

ଶତ୍ରୁ କୀଟର ଅଣ୍ଡା, ଶୂକ, କୋଷା କିମ୍ବା ପୂର୍ଣାଙ୍ଗ କୀଟ ଶରୀରରେ ବଂଶ ବିସ୍ତାର କରି ସେଗୁଡିକୁ ମାରି ଦିଅନ୍ତି | ବୁଢିଆଣୀ, କଙ୍କି, ଶିକାରୀଜନ୍ଦା, ଡାହାଣୀ ପୋକ ଆଦି ପରଭୋଜୀ କୀଟ ଶତ୍ରୁ କୀଟର ଅଣ୍ଡା, ଶୂକ, କୋଷା ତଥା ପୂର୍ଣ୍ଣାଙ୍ଗ କୀଟ ଗୁଡିକୁ ସିଧାସଳଖ ଖାଇ ଦିଅନ୍ତି ।

## ଉପକାରୀ ଅଣୁଜୀବ :-

ପ୍ରକୃତିରେ ଅନେକ ଅଣୁଜୀବ ଅଛନ୍ତି । ଯେଉଁମାନେ କି ଫସଲର କ୍ଷତି ଘଟାଉଥିବା କୀଟ ଓ ଅନ୍ୟାନ୍ୟ ଅଣୁଜୀବମାନଙ୍କୁ ଆକ୍ରାନ୍ତ କରି କିମ୍ବା ବଂଶବୃଦ୍ଧି ରୋକି ସେମାନଙ୍କ ସଂଖ୍ୟା କମାଇ ଥାଆନ୍ତି । କେତେକ ଭୁତାଣୁ ଓ ଜୀବାଣୁ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ । ଏନ୍.ପି.ଭି. ଏକ ଉପକାରୀ ଭୂତାଣୁ ଯାହା ବିଲାତି ବାଇଗଣ, ବୁଟ, ହରଡ, କପା, ସୂର୍ଯ୍ୟମୁଖୀ ଫସଲର ଫଳବିନ୍ଧା ପୋକର ଶୂକ ଦେହରେ ରୋଗକରି ତାକୁ ମାରିଦିଏ | ଏସ.ଏଲ୍.ଏନ୍.ପି.ଭି. ଭୂତାଣୁ ଚିନାବାଦାମ, ବିଲାତି ବାଇଗଣ, କୋବି, କପା, ସୂର୍ଯ୍ୟମୁଖୀ ଆଦିରେ ସ୍ପୋଡୋପ୍ଟେରା ପୋକର ଶୂକକୁ ରୋଗାକ୍ରାନ୍ତ କରି ମାରିଦିଏ | ସୁଡୋମୋନାସ୍ ବାବାସିଲସ୍ ଜାତୀୟ ବୀଜାଣୁ ଧାନ ଫସଲର ମହିଷା ରୋଗ, ପତ୍ରଚିତା ରୋଗ, ଚଣା ଓ କଦଳୀର ଝାଉଁଳା ରୋଗ, ଚିନାବାଦାମ ଓ କପାର ମୂଳସଢା ରୋଗ ଦମନରେ ବ୍ୟବହାର କରାଯାଏ | ସେହିପରି ଟାଇକୋଡର୍ମା ହେଉଛି ଏକ ଉପକାରୀ କବକ ଯାହା ବିଭିନ୍ନ ଫସଲକୁ କବକ ଜନିତ ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ ।

### ଯନ୍ତାର ବ୍ୟବହାର :-

ଆମେ କୀଟମାନଙ୍କୁ ଧରି ସେମାନଙ୍କର ବଂଶବୃଦ୍ଧିକୁ ରୋକିବା ପାଇଁ ଅନେକ ପ୍ରକାର ଯନ୍ତାର ବ୍ୟବହାର କରିଥାଉ । ଯେଉଁ କୀଟମାନେ ଆଲୋକକୁ ଆକର୍ଷିତ ହୁଅନ୍ତି ସେମାନଙ୍କ ପାଇଁ ଆଲୋକ ଯନ୍ତା ଓ ଯେଉଁ କୀଟମାନେ ଫେରୋମେନ୍ ଦ୍ୱାରା ଆକର୍ଷିତ ହୁଅନ୍ତି ସେମାନଙ୍କ ପାଇଁ ଫେରୋମେନ୍ ଯନ୍ତାବ୍ୟବହାର କରିଥାଉ | ଏସବୁ ପଦ୍ଧତି ବ୍ୟତୀତ ଚାଷରେ ଆମେ ଆଉ କେତୋଟି ଦିଗକୁ ଦୃଷ୍ଟି ଦେଲେ ଫସଲକୁ ରୋଗ ଓ ପୋକ କବଳରୁ ରକ୍ଷା କରିପାରିବା । ଯେପରିକି ଖରାଟିଆ ଗହୀର ଚାଷ, ହିଡ ସଫା, ଫସଲର ଅବଶିଷ୍ଟାଂଶ ନଷ୍ଟ, ରୋଗ ଓ ପୋକସହଣୀ କିସମ ବିହନର ବ୍ୟବହାର, ଅନୁମୋଦିତ ପରିମାଣରେ ଖତସାର ପ୍ରୟୋଗ କରିପାରିଲେ ଆମେ ରୋଗ ସୃଷ୍ଟିକାରୀ ଅଣୁଜୀବ ଓ କୀଟମାନଙ୍କର ସଂଖ୍ୟା ତଥା ସେମାନଙ୍କର ପ୍ରାଦୁର୍ଭାବ ଲୋପ କରିପାରିବା | ଆଜିକାଲି ଜୈବିକ ଖାଦ୍ୟପ୍ରତି ଲୋକମାନଙ୍କର ଆଗ୍ରହ ବଢୁଥିବାରୁ ଅମର ଚାଷୀଭାଇମାନେ ରପ୍ତାନୀ ଭିତ୍ତିକ ଜୈବିକ ଫସଲ ଉତ୍ପାଦନ କରି ଲାଭବାନ୍ ହୋଇପାରିବେ । ବର୍ତମାନ ଆମର ଚାଷୀଭାଇମାନେ ଜୈବିକ ପଦ୍ଧତି ଅନୁସରଣ କରି ଜୈବିକ ଅଦା, ହଳଦୀ, ଲଙ୍କା, ବନ୍ଧାକୋବି, ଆଳୁ,ଟମାଟୋ, ବିନ୍, ମୂଳା, ପିଆଜ, କାଜୁବାଦାମ ଆଦି ଚାଷକରି ବେଶ୍ ଲାଭବାନ ହୋଇପାରିଛନ୍ତି |

